# Akashvani, Sambalpur

## SAMBALPURI NEWS BULLETIN

### 29 August 2025 - 6.47- 6.52 am.

**********************************************

**ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ     ଏନ୍‌ଏସ୍‌ଡି**

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍‌ଠାନୁ ଦୁଇ ଦିନିଆ ଅନୁସୂଚିତ ଜାତି ଆଉ ଜନଜାତି ସଂସଦୀୟ କମିଟି ଜାତୀୟ ସମ୍ମିଳନୀ ମୁଲ୍ ହେବା । ଅନୁସୂଚିତ ଜାତି ଆଉ ଜନଜାତିଙ୍କର୍ କଲ୍ୟାଣ୍, ବିକାଶ୍ ଆଉ ସଶକ୍ତିକରଣ୍‌ଥି ସଂସଦୀୟ ଆଉ ବିଧାନ୍‌ସଭା ସମିତି ମାନ୍‌କର୍ ଭୂମିକା ପ୍ରସଙ୍ଗ ଆଧାର୍‌ଥି ଇ ସମ୍ମିଳନୀ ପହେଲାଥର୍ ଲାଗି ଦିଲ୍ଲୀ ନୁ ବାହାରେ ହେବାର୍‌କେ ଯାଉଛେ । ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀକେ ଉଦ୍‌ଘାଟନ୍ କର୍‌ବେ ବଲି ବାଚସ୍ପତି ସୁରମା ପାଢ଼ୀ ବିଧାନ୍‌ସଭା ଠାନେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ଶ୍ରୀ ବିର୍ଲା ଇ ଅବ୍‌ସରେ ଗୁଟେ ପ୍ରଦର୍ଶନୀ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସ୍ମରଣିକା ଉନ୍ମୋଚନ୍ କର୍‌ବେ । ସମ୍ମିଳନୀଥି ସଂସଦ୍ ଆର୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ବିଧାନ୍‌ସଭା ଅନୁସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ସମିତିର୍ ଅଧ୍ୟକ୍ଷ ଆଉ ସଦସ୍ୟମାନ୍‌କର୍ ସହେତେ ଶହେ ୨୦ ନୁ ଅଏତ୍‌କା ପ୍ରତିନିଧି ଭାଗ୍ ନେବେ ।

ଜାତୀୟ କ୍ରୀଡ଼ା ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ କ୍ରୀଡ଼ା ଦିବସ୍ । ଜାତୀୟ ଖେଲ୍ ହକିର କିମ୍ବଦନ୍ତୀ ପୁରୁଷ ଧ୍ୟାନ୍‌ଚାନ୍ଦ୍‌ଙ୍କୁ ସମ୍ମାନ୍ ଜନେଇକରି ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ କ୍ରୀଡ଼ା ଦିବସ୍ ଭାବେ ପାଲନ୍ କରାଯାଉଛେ । ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ନେତୃତ୍ୱଥି ୩ ଥର୍ ଲଗାତାର୍ ଭାରତ୍ ୧୯୨୮, ୧୯୩୨, ୧୯୩୬ ମସିହାଥି ଅଲମ୍ପିକ୍ସ ନ ଜିତିଥିଲା । ୧୯୩୬ ମସିହାଥି ବର୍ଲିନ୍ ନ ହେଇଥିବା ହକି ଖେଲ୍ ଦେଖିକରି ହିଟଲର୍ ଆଶ୍ଚର୍ଯ୍ୟ ହେବାର୍ ସହେତେ ଜର୍ମାନୀର୍ ନାଗରିକ ହେବାର୍ ଲାଗି ଧ୍ୟାନ୍‌ଚାନ୍ଦ୍‌ଙ୍କୁ ଅନୁରୋଧ୍ କରିଥିଲେ । ୧୯୨୬ ମସିହାନୁ ୧୯୪୮ ମସିହା ଭିତ୍‌ରେ ବିପକ୍ଷ ଦଲ୍ ମାନ୍‌କୁ ମେଜର୍ ଧ୍ୟାନ୍‌ଚାନ୍ଦ୍ ୪ ଶହ ନୁ ଅଏତ୍‌କା ଗୋଲ୍ ଦେଇଥିଲେ । ଲୋକ୍‌ମାନ୍‌କର୍ ଭିତ୍‌ରେ ଖେଲ ଲାଗି ସଚେତନ୍ କର୍‌ବାର୍‌କେ ୨୦୧୨ ମସିହାନୁ ଆଝିର୍ ଦିନେ ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ସ୍ମୃତିଥି ସାରା ଦେଶେ ଇ ଦିବସ୍ ପାଲନ୍ କରାଯାଉଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଯେ, ତୃଣମୂଲ୍‌ସ୍ତର୍ ନ ପ୍ରତିଭାକେ ତହଁକାବାର୍ ସହେତେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତିଭୂମି ବନାବାର୍ ଆଉ ଖେଲାଲିମାନ୍‌କର୍ ଲାଗି ସବୁନୁ ଭଲ୍ ତାଲିମ୍ ସୁବିଧା ଦେବାର୍ ଲାଗି ଆମେ ପ୍ରତିଶ୍ରୁତିବଦ୍ଧ ।

ଇ ଅବ୍‌ସରେ ଓଡ଼ିଶା କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତରଫୁ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍ ଆଉ ବିଜୁ ପଟ୍ଟନାୟକ୍ ସାହସିକତା ପୁରସ୍କାର୍ ସମାରୋହ ର

ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମୁଖ୍ୟଅତିଥି ଭାବେ ଯୋଗ୍‌ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଇ-ବସ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଇ-ବସ୍ ଚଲାଚଲ୍ କ୍ଷେତ୍ରେ ଓଡ଼ିଶା ଦେଶେ ୫ ନମ୍ବର୍ ଠାନ୍ ହାସଲ୍ କରିକରି ସହରାଂଚଲ୍ ପରିବହନ୍ କ୍ଷେତ୍ରେ ଗୁଟେ ମାଇଲ୍‌ଖୁଂଟା ହାସଲ୍ କରିଛେ । ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍, ଇ-ପରିବହନ୍ କ୍ଷେତ୍ରେ ଓଡ଼ିଶାର୍ ଅଗ୍ରଗତି, ପରିବେଶ୍ ଆଉ ଲୋକ୍‌ମାନ୍‌କର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ପ୍ରତିଫଳିତ୍ କରୁଛେ । ସାରା ଦେଶେ ଇହାଦେ ୧୪ ହଜାର୍ ୩ ଶହ ୨୯ ଟା ଇ-ବସ୍ ଚଲାଚଲ୍ କରୁଛେ । ରାଏଜେ ୪ ଶହ ୫୦ ଟା ଇ ବସ୍ ଚଲାଚଲ୍ କରୁଥିବା ଆଉ ଆଏବା ଦିନେ ଇ ସଂଖ୍ୟା ହଜାରେ ପାର୍ କର୍‌ବାର୍ ଯୋଜ୍‌ନା ଅଛେ ।

ଧର୍ମେନ୍ଦ୍ର ପ୍ରଧାନ୍- ସମ୍ବଲ୍‌ପୁର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରେ ବହୁତ୍‌ଟେ ସମ୍ଭାବନା ଥିବାର୍ ବେଲେ ଦକ୍ଷ ଯୁବଶକ୍ତି ଭିଲ୍ ଅଛନ୍ ଆଉ ସମ୍ବଲ୍‌ପୁରର୍ ପ୍ରତିଛବିକେ ବିଶ୍ୱ ଦର୍‌ବାର୍ ନ ପହଁଚାବାର୍ ଲାଗି ଆମେ ସଭେ ଏକ୍‌ଜୁଟ୍ ହେଇକରି ନିଜର୍ ଦାୟିତ୍ୱ ତୁଲାବାର୍ ଆବଶ୍ୟକତା ଅଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଗଲାକାଏଲ୍ ଓଡ଼ିଶା ସାଂସ୍କୃତିକ୍ ସମାଜ୍ , ପଣ୍ଡିତ୍ ଲକ୍ଷ୍ମୀନାରାୟଣ୍ ସାଂସ୍କୃତିକ୍ ସଂସଦ୍ ଆଉ ସମଲେଶ୍ୱରୀ ଯୁବ ସଂଘ ତର୍‌ଫୁ ହେଇଥିବା ଅଲ୍‌ଗା ଅଲ୍‌ଗା ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍‌ରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଯୋଗ୍ ଦେଇଥିଲେ । ପ୍ରତିଭାବାନ୍ ବ୍ୟକ୍ତିବିଶେଷ୍ ଆଉ ଅନୁଷ୍ଠାନ୍‌କେ ଶ୍ରୀ ପ୍ରଧାନ୍ ସମ୍ମାନିତ୍ କରିଛନ୍ ।

ଗୋଟିପୁଅ ନୃତ୍ୟ ମହୋତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଗୁରୁ କେଳୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଆଉ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ଆଉ ଲୋକକଳା ସଂଘ ମିଳିତ୍ ସହଯୋଗ୍‌ଥି ଆଏବା କାଏଲ୍‌ନୁ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ୍ ମୁଲ୍ ହେବା । ୩ ଦିନିଆ ମହୋତ୍ସବ୍‌ଥି ୨୦ ଟା ଦଲ୍ ଭାଗ୍ ନେବେ ।

ହକି ଏସିଆକପ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିହାର୍‌ର ରାଜ୍‌ଗିର୍ ଠାନେ ଆଏଜ୍‌ଠାନୁ ହକି ଏସିଆକପ୍ ମୁଲ୍ ହେବା । ଚମ୍ପିଆନ୍ ଦଲ୍ ୨୦୨୬ ହକି ବିଶ୍ୱକପ୍ ଲାଗି ସିଧାସଲଖ୍ ଯୋଗ୍ୟତା ହାସଲ୍ କର୍‌ବେ । ଇଥି ମୋଟ୍ ୮ ଟା ଦଲ୍ ୨ ଟା ଗ୍ରୁପ୍‌ଥି ଖେଲ୍‌ବେ । ପହେଲା ଦିନେ ଆଏଜ୍ ୪ ଟା ମେଚ୍ ଖେଲାଯିବା । ଭାରତୀୟ ଦଲ୍‌କେ ହର୍‌ମନ୍‌ପ୍ରିତ୍ ସିଂ ପ୍ରତିନିଧିତ୍ୱ କରୁଥିବାର୍ ବେଲେ ୨ ଝନ୍ ଓଡ଼ିଆ ଅଲମ୍ପିଆନ୍ ଅମିତ୍ ରୋହିଦାସ ଆଉ ଶିଳାନନ୍ଦ ଲାକ୍ରା ସାମିଲ୍ ଅଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ପଶ୍ଚିମ -ଉତର୍ ପଶ୍ଚିମ୍ ଦିଗ୍‌କେ ଗତି କରୁଛେ । ଇତାର୍‌ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା

ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଢ଼କ୍ ମାର୍‌ବାର୍ ସହେତେ ଜବର୍ ବର୍ଷାକେ ନେଇକରି ରାଜ୍ୟର୍ ସବୁ ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।